# Akashvani, Sambalpur

## SAMBALPURI NEWS MORNING BULLETIN

## 22 August 2026 - 6.47- 6.52 am.

---

ସିଙ୍ଗଲ୍ ୱେଣ୍ଡୋ ବୈଠକ        ଆଇ ଆଣ୍ଡ୍ ପି.ଆର୍

ଭୁବନେଶ୍ୱର୍ ନ ବିକଶିତ୍ ଓଡ଼ିଶା -୨୦୩୬ ଲକ୍ଷ୍ୟକେ ଆଗେଇ ନେବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଶହେ ୪୯ ନମ୍ବର୍ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱେଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ୍ ହେଇଯାଇଛେ । ବୈଠକ୍ଥି ମୋଟ୍ ୨ ହଜାର୍ ୭ ଶହ ୮୦ କୋଟି ନୁ ଅଏତ୍କା ଟଙ୍କାର୍ ପୁଞ୍ଜିନିବେଶ୍ ସହେତେ ୧୪ ଟା ଶିଳ୍ପପୁଞ୍ଜିନିବେଶ୍ ପ୍ରସ୍ତାବ୍କେ ଅନୁମୋଦନ୍ କରାଯାଇଛେ । ଇତାର୍‌ଜରିଏ ରାଏଜେ ୧୪ହଜାର୍ ଶହେ ୪ ଟା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ ଖାଦ୍ୟ ପ୍ରକ୍ରିୟାକରଣ୍, କୃଷି ଆଉ ଖାଦ୍ୟ ପ୍ରକ୍ରିୟାକରଣ୍, ବୟନଶିଳ୍ପ, ରସାୟନ, ଚିକିତ୍ସାଉପକରଣ୍, ଇଲେକ୍ଟ୍ରୋନିକ୍ସ, ଧାତୁ ଆଉ ଭିତିଭୂମି  ରହିଛେ । ଇ ପ୍ରକଳ୍ପ ସବୁ ଅନୁଗୁଲ୍, ବଲାଙ୍ଗିର୍,

କଟକ୍, ଢେଙ୍କାନାଲ୍, ଗଞ୍ଜାମ୍, କେନ୍ଦୁଝର୍, ଖୋର୍ଦ୍ଧା, ନୟାଗଡ଼୍, ନୂଆପଡ଼ା ଆଉ ସୁନ୍ଦର୍‌ଗଡ଼୍ ସହେତେ ଭିନ୍ ଭିନ୍ ଜିଲ୍ଲା ନ ଥାପ୍‌ନା ହେବା ।

ଉଚ୍ଚଶିକ୍ଷାମନ୍ତ୍ରୀ-ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ବିଶ୍ୱବିଦ୍ୟାଲୟମାନ୍‌କେ ଖାଲି ପଡ଼ିଥିବା ଶିକ୍ଷକ୍ ଆଉ ଅଣଶିକ୍ଷକ୍ କର୍ମଚାରୀ ପଦ୍‌ବୀ ମାନ୍‌କେ ଖୋବ୍ ଜଲ୍‌ଦି ପୁରା କରାଯିବା ବଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ସବୁ ସର୍‌କାରୀ ବିଶ୍ୱବିଦ୍ୟାଲୟର୍ କୁଲପତି, ରେଜିଷ୍ଟ୍ରାର୍, ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ମାନ୍‌କୁ ନେଇକରି ହେଇଥିବା ଉଚ୍ଚସ୍ତରୀୟ ବୈଠକ୍‌ଥି ଶ୍ରୀ ସୂରଜ୍ କହିଛନ୍, ବିଶବିଦ୍ୟାଲୟମାନ୍‌କେ ଖାଲିପଡ଼ିଥିବା ପଦ୍‌ବୀ ମାନ୍‌କେ ନିଯୁକ୍ତି ପ୍ରକ୍ରିୟା ଲାଗି ବିଷୟଭିତିକ ଚୟନ୍ କମିଟି ଗଠନ୍ ନୁ ମୁଲ୍ କରିକରି ସବୁ ଆନୁଷଙ୍ଗିକ୍ ପ୍ରକ୍ରିୟାକେ ତୁର୍‌ତି କରାଯିବାର୍ ବାବ୍‌ଦେ କୁଲପତିମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ବୈଠକ୍‌ଥି ଜାତୀୟ ଶିକ୍ଷାନୀତି ୨୦୨୦ ଅନ୍‌ସାରେ ନୂଆଁ ପାଠ୍ୟକ୍ରମ୍ ତିଆରି

କର୍‌ବାର୍ ଆଉ ବିଶ୍ୱବିଦ୍ୟାଳୟମାନ୍‌କେ ଇତାର୍ କାର୍ଯ୍ୟକାରିତାକେ ନେଇକରି ଆଲୋଚନା ହେଇଥିଲା । ବିଶ୍ୱବିଦ୍ୟାଳୟମାନ୍‌କେ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌କେ ବର୍‌କସ୍ କର୍‌ବାର୍, ଉଛା ଦର୍‌ଜାର୍ ଗବେଷଣା ଉପ୍‌ରେ ଜୋର୍ ଦେବାର୍‌କେ ଉଛଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ୍ ପରାମର୍ଶ ଦେଇଛନ୍ ।

ଚାଷୀ ପଞ୍ଜିକରଣ୍ ଆଇ ଆଣ୍ଡ୍ ପି.ଆର୍

ରାଏଜେ ଖରିଫ୍ ଧାନ୍ ଘିନା ଲାଗି ଏବ୍‌ତକ୍ ୭ ଲାଖ୍ ୧୮ ହଜାର୍‌ନୁ ଅଏତ୍‌କା ଚାଷୀ ନାଁ ପଞ୍ଜିକରଣ୍ କରିସାରିଛନ୍ । ଖାସ୍ କରି ଗଲାକାଏଲ୍ ଗୁଟେ ଦିନେ ୧ ଲାଖ୍ ନୁ ଅଏତ୍‌କା ଚାଷୀ ନାଁ ପଞ୍ଜିକରଣ୍ କରିଛନ୍ ବଲି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ପଞ୍ଜିକରଣ୍ ଆଏବା ୩୧ ତାରିଖ୍‌ତକ୍ ଚାଲ୍‌ବା । ପେକ୍ସ, ଲେମ୍ପ୍ସ ଆଉ ପାଣିପଂଚାୟତ୍ ନ ପଞ୍ଜିକରଣ୍ କାମ୍ କରାଯାଉଛେ । ପଞ୍ଜିକରଣ୍ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ଟୋଲ୍‌ଫ୍ରି ନମ୍ବର୍ ୧୯୬୭ ଥି ଯୋଗାଯୋଗ୍ କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ସମୀକ୍ଷା ବୈଠକ୍         ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ସାଙ୍ଗେ କେନ୍ଦ୍ର ସାମାଜିକ୍ ନ୍ୟାୟ ଆଉ ସଶକ୍ତିକରଣ୍ ବିଭାଗ୍ ସଚିବ ସୁଧାଂଶୁ ପନ୍ଥ ଭୁବ୍‌ନେଶ୍ୱର୍ ନ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ବୈଠକ୍‌ଥି ରାଜ୍ୟ ଅନୁସୂଚିତ ଜନଜାତି ଆଉ ଅନୁସୂଚିତ ଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆଉ ପଛୁଆବର୍ଗ କଲ୍ୟାଣ୍ ବିଭାଗ୍ ଆର୍ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ଜରିଏ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ସରକାର୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା, କାର୍ଯ୍ୟକ୍ରମ୍‌ର କାର୍ଯ୍ୟକାରିତା ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଏସ୍.ସି. /ଏସ୍.ଟି ବିଭାଗ୍ କମିଶନର୍ ଆଉ ଶାସନ୍ ସଚିବ ବି. ପରମେଶ୍ୱର୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ କେନ୍ଦ୍ରୀୟ ଆଉ ରାଜ୍ୟ ଯୋଜ୍‌ନାର୍ ସଫଲ୍ ରୂପାୟନ୍ ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରିଥିଲେ ।

ଡକ୍ଟର୍ ଅରବିନ୍ଦ ପାଢ଼ୀ         ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ତାଲ୍‌ଚେର୍ ବିମଳାଗଡ୍ ନୂଆଁ ବ୍ରଡ଼ଗେଜ୍ ରେଲ୍‌ପଥ୍ ପ୍ରକଳ୍ପର୍ ଜମି ଅଧିଗ୍ରହଣ୍ ସ୍ଥିତି, ବିଚାରାଧୀନ୍ ମାମ୍‌ଲା ଆଉ ରେଲ୍‌ପଥ୍ ତିଆରି କାମ୍‌ଥି ରହିଥିବା ସମସ୍ୟା ବାବ୍‌ଦେ ସମୀକ୍ଷା କରିଛନ୍ । ସମୀକ୍ଷା ବୈଠକ୍‌ଥି ଲୋକ୍‌ମାନ୍‌କର୍ ସ୍ୱାର୍ଥକେ ପ୍ରାଥମିକତା ଦେଇକରି ପ୍ରକଳ୍ପର୍ ତୁର୍‌ତି କାର୍ଯ୍ୟାନ୍ୱୟନ ଲାଗି ବାକି ଥିବା ଜମି ଅଧିଗ୍ରହଣ୍ ବାଧାମୁକ୍ତ ଜମି ହସ୍ତାନ୍ତର୍‌କେ ସୁବ୍ୟବସ୍ଥିତ୍ କର୍‌ବାର୍ ଉପ୍‌ରେ ଶ୍ରୀ ପାଢ଼ୀ ଜୋର୍ ଦେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଶହେ ୪୯ ଦଶ୍‌ମିକ୍ ୭୮ କିଲୋମିଟର୍ ଲମ୍ୱା ଇ ରେଲ୍‌ପଥ୍ ୨୦୦୩-୦୪ ମସିହାଥି ଅନୁମୋଦିତ୍ ହେଇଥିଲା ।

ବିଶ୍ୱ ଆଥଲେଟିକ୍ସ          ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍ ବିଶ୍ୱ ଆଥଲେଟିକ୍ସ କଂଟିନେଂଟାଲ୍ ଟୁର୍ ସିଲ୍‌ଭର୍ ମିଟ୍ ହେବା । ରାଜ୍ୟ ସର୍‌କାର୍‌ଙ୍କର୍

କ୍ରୀଡ଼ା ଆଉ ଯୁବସେବା ବିଭାଗ୍, ଏଥ୍ଲେଟିକ୍ ଫେଡ଼େରେସନ୍ ଅଫ୍ ଇଣ୍ଡିଆ ଆଉ ବିଶ୍ୱ ଆଥ୍ଲେଟିକ୍ସର ମିଲିତ୍ ସହଯୋଗ୍ଥି ଇ ଦିନ୍କିଆ ପ୍ରତିଯୋଗିତା କରାଯାଉଛେ । ଗଲାବଛର୍ର ସଫଲ୍ ବ୍ରୋଂଚ୍ ସ୍ତରୀୟ ପ୍ରତିଯୋଗିତାନୁ ଇତାକେ ସିଲ୍ଭର୍ସ୍ତର୍କେ ଉନ୍ନୀତ୍ କରାଯାଇଛେ । ଇତାର୍ଛଡ଼ା ୨୦୨୮ ମସିହାଥି କଳିଙ୍ଗ ଷ୍ଟାଡ଼ିୟମ୍ ନ ହେବାର୍କେ ଥିବା ବିଶ୍ୱ ଆଥ୍ଲେଟିକ୍ସ ଇନଡୋର୍ ଚାମ୍ପିଅନ୍ସିପ୍ ଆଉ ଏସୀୟ ଇନ୍ଡୋର୍ ଆଥ୍ଲେଟିକ୍ସ ଚାମ୍ପିଆନ୍ସିପ୍ ଲାଗି ଇଟା ଗୁଟେ ବଡ଼ ପଦକ୍ଷେପ୍ ଆଏ । ପ୍ରତିଯୋଗିତାଥି ୨୭ ଟା ଦେଶ୍ନୁ ଶହେ ୮୭ ଝନ୍ ପ୍ରତିଷ୍ଠିତ୍ ଆଥ୍ଲେଟ୍ ଭାଗ୍ ନଉଛନ୍ । ଇ ପ୍ରତିଯୋଗିତାଥି ପୁରୁଷ ଆଉ ମହିଳାକର୍ ଲାଗି ସମାନ ଭାବେ ୧୮ଟା ଇଭେଂଟ ରହିଛେ ।

ମୁଖ୍ୟ କୃଷି ଅଧିକାରୀ-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଦର୍ ବ୍ଲକ୍ ନ କାର୍ଯ୍ୟକାରୀ ହେଉଥିବା ଶ୍ରୀ ଅନ୍ନ ଅଭିଯାନ୍ର କ୍ଷେତ୍ର ବୁଲି ଦେଖିଛନ୍ । ଇ ସମିଆଥି ସେନ କରାଯାଇଥିବା ମଡ଼ିଆ, ଗୁର୍ଜି, କୋଦୋ, ବାଜ୍ରା ଚାଷ୍ ଦେଖିଥିଲେ । ଚାଷୀମାନେ କେନ୍ତାକରି ଇତାର୍ ଉତ୍ପାଦନ୍

ବଢ଼ାବେ ଆଉ ଲୁକ୍‌କୁ ଭିତ୍‌ରେ ଇତାର୍ ଆଦର୍ ବଢ଼୍‌ବା ସେ ବାବ୍‌ଦେ ଚାଷୀମାନ୍‌କୁ ପରାମର୍ଶ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ଆଏଜ୍ ଆଉ ଗୁଟେ ଲଘୁଚାପ୍ ସୃଷ୍ଟି ହେବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍‌ନୁ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି, ଘଡ଼୍‌ଘଡ଼ି ମାରିକରି ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ କେନ୍ଦୁଝର୍, ମୟୁର୍‌ଭଞ୍ଜ୍, କଲାହାଣ୍ଡି ଆର୍ ନବରଙ୍ଗ୍‌ପୁର୍ ଜିଲ୍ଲାକେ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।